# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 6 September – 2024

## ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଭୁବନେଶ୍ୱର ଲୋକସେବା ଭବନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଏହି ସମୟରେ ମୁଖ୍ୟମନ୍ତ୍ରୀ ଜଙ୍ଗଲ ଅଞ୍ଚଳରେ ଅବୈଧ ଗଛକଟା ବନ୍ଦ କରିବା ଏବଂ ଜଙ୍ଗଲରୁ ଜୀବିକା ଉପାର୍ଜନ କରୁଥିବା ଲୋକଙ୍କୁ ଶ୍ରମ ଭିତ୍ତିକ ନିଯୁକ୍ତି ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀ ବନ ବିଭାଗରେ ଖାଲିପଡ଼ିଥିବା ପଦବୀ ଗୁଡ଼ିକରେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ବିଭାଗରେ ୧ ହଜାର ୬୭୭ଟି ବନରକ୍ଷୀ ଓ ୩୧୬ଟି ବନପାଳ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ମଣିଷ ଏବଂ ପ୍ରାଣୀଙ୍କ ମଧ୍ୟରେ ସଂଘର୍ଷ ହ୍ରାସ କରିବା ପାଇଁ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ୨୦୧୯-୨୦ ବର୍ଷରୁ ଗତକାଲି ପର୍ଯ୍ୟନ୍ତ ବିଭିନ୍ନ କାରଣରୁ ୪୪୪ଟି ହାତୀ ପ୍ରାଣ ହରାଇଛନ୍ତି । ଏହି ସମୟ ମଧ୍ୟରେ ୭୨୯ ଜଣ ବ୍ୟକ୍ତିଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିବା ବୈଠକରୁ ପ୍ରକାଶ ପାଇଥିଲା ।

## କୃଷି-ଉପମୁଖ୍ୟମନ୍ତ୍ରୀ

ରାଜ୍ୟରେ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଭିତ୍ତିଭୂମି ନିର୍ମାଣ, କୃଷକମାନଙ୍କ ସର୍ବାଙ୍ଗୀନ ବିକାଶ ଓ ପରିବେଶ ସୁରକ୍ଷାରେ ସରକାର ଅବହେଳା କରିବେ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି । ବିଧାନସଭାରେ କୃଷି ବିଭାଗର ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ରଖି ଶ୍ରୀ ସିଂହଦେଓ କହିଛନ୍ତି ଆର୍ଥିକ ଦକ୍ଷତା ଅପେକ୍ଷା ଜୀବନ ଦକ୍ଷତା ଉପରେ ଯତ୍ନବାନ ହେବାକୁ ପଡ଼ିବ । କୃଷି କେବଳ ଏକ ଫସଲ ଉତ୍ପାଦନ ପ୍ରକ୍ରିୟା ନୁହେଁ, ବରଂ ମୃତ୍ତିକା, ଜଳବାୟୁ ଓ ଜୀବନ ଧାରଣ ଉପରେ ନିର୍ଭରଶୀଳ । କୃଷିକ୍ଷେତ୍ରରେ ରାଜ୍ୟ ସରକାର ୧୩ ହଜାର ୧୭୮ କୋଟି ୮୪ ଲକ୍ଷ ଟଙ୍କା ବ୍ୟୟବରାଦ କରିଛନ୍ତି, ଯାହା ପୂର୍ବ ଅପେକ୍ଷା ଦୁଇଗୁଣା ଅଧିକ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଶୀତଳ ଭଣ୍ଡାର

ରାଜ୍ୟରେ ସରକାରୀ ଏବଂ ବେସରକାରୀ ସହଯୋଗରେ ୫୮ଟି ସବ୍‌ଡିଭିଜନରେ ଶୀତଳ ଭଣ୍ଡାର ନିର୍ମାଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି । ଏହା ସଫଳ ହେଲେ ପରବର୍ତ୍ତୀ ସମୟରେ ବ୍ଲକ ସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ କରାଯିବାକୁ ପଦକ୍ଷେପ ନିଆଯିବ ବୋଲି ଗତକାଲି ବିଧାନସଭାରେ ସେ କହିଛନ୍ତି । ଏହି ଶୀତଳ ଭଣ୍ଡାର ନିର୍ମାଣ ପାଇଁ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସରକାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ-ଏମ୍‌ଏସ୍‌ଏମ୍‌ଇ, ସମବାୟ, ଶକ୍ତି ଏବଂ କୃଷି ବିଭାଗକୁ ନେଇ ଏକ ଯୁଗ୍ମ କମିଟି ଗଠନ କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

# ସୁଭଦ୍ରା ଯୋଜନା-ସମୀକ୍ଷା

ରାଜ୍ୟରେ ସୁଭଦ୍ରା ଯୋଜନାର ଅଗ୍ରଗତି ନେଇ ନିୟମିତ ତଦାରଖ କରିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।  ଲୋକସେବା ଭବନରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶ୍ରୀ ଆହୁଜା ସମସ୍ତ ଜିଲ୍ଲାପାଳଙ୍କ ସହ ଏ ସଂପର୍କରେ ଆଲୋଚନା କରିଛନ୍ତି । ସୁଭଦ୍ରା ଯୋଜନାର ହିତାଧିକାରୀଙ୍କୁ ସୂଚନା ପ୍ରଦାନ ଓ ସଚେତନ କରାଇବା ପାଇଁ ଆସନ୍ତାକାଲିଠାରୁ ୧୬ ତାରିଖ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାରେ ସଚେତନତା ରଥ ପରିଭ୍ରମଣ କରିବ ବୋଲି ବୈଠକରେ ଆଲୋଚନା ହୋଇଛି ।

# ବୁଝାମଣାପତ୍ର

ରାଜ୍ୟରେ ବିମାନ ଚଳାଚଳ କ୍ଷେତ୍ରରେ ଯୁବବର୍ଗଙ୍କୁ ତାଲିମ ଦେବା ଲକ୍ଷ୍ୟରେ ଏୟାର ଇଣ୍ଡିଆ ଏବଂ ରାଜ୍ୟ ଦକ୍ଷତା ବିକାଶ ନିଯୋଜନ ନିର୍ଦ୍ଦେଶାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ହାଇଦ୍ରାବାଦ ଠାରେ  ଏହା ମାଧ୍ୟମରେ ଯୁବକମାନଙ୍କୁ  ୩୦ ଦିନିଆ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏଥିରେ ସେମାନଙ୍କୁ ବିମାନ ବନ୍ଦରରେ ର୍‍ୟାମ୍ପ ପରିଚାଳନା ଓ ଗ୍ରାହକ ସେବା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ବିମାନ ଚଳାଚଳ କ୍ଷେତ୍ରରେ ଏହା ରାଜ୍ୟର ଭାଗିଦାରୀକୁ ସୁନିଶ୍ଚିତ କରିବ ବୋଲି ଦକ୍ଷତା ବିକାଶ ନିଯୋଜନ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି ।

## ଶପଥ ଗ୍ରହଣ

ରାଜ୍ୟସଭା ସଦସ୍ୟା ଭାବେ ମମତା ମହାନ୍ତ ଗତକାଲି ଶପଥ ଗ୍ରହଣ କରିଛନ୍ତି। ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ତାଙ୍କୁ ଶପଥପାଠ କରାଇଥିଲେ । ସୂଚନା ଅନୁସାରେ ଶ୍ରୀମତୀ ମହାନ୍ତ ରାଜ୍ୟସଭା ଉପନିର୍ବାଚନରେ ଓଡ଼ିଶାରୁ ବିଜେପି ପ୍ରାର୍ଥୀ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ।

## +୨ ନାମଲେଖା

ରାଜ୍ୟରେ ଆଜିଠାରୁ ଯୁକ୍ତ ଦୁଇ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ । ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଖାଲିପଡ଼ିଥିବା ସିଟ୍‌ରେ ନାମଲେଖା ହେବ । ଏଥିପାଇଁ ଛାତ୍ରଛାତ୍ରୀ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ । ଆସନ୍ତା ୨୦ ତାରିଖରେ ଏ ନେଇ ପ୍ରଥମ ଚୟନ ତାଲିକା ପ୍ରକାଶ ପାଇବା ସହ ୨୧ରୁ ୨୪ ତାରିଖ ମଧ୍ୟରେ ନାମଲେଖା ହେବ ।

## ନୂଆଖାଇ ଛୁଟି

ନୂଆଖାଇ ଉପଲକ୍ଷେ ଆସନ୍ତା ୯ ତାରିଖ ସୋମବାର ଦିନ ହାଇକୋର୍ଟ ଛୁଟି ଘୋଷଣା କରାଯାଇଛି । ହାଇକୋର୍ଟ ଏହା ପରିବର୍ତ୍ତେ ଅକ୍ଟୋବର ୫ ତାରିଖ ଶନିବାର ଦିନ କାର୍ଯ୍ୟ କରିବ ।

ସେହିଭଳି ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାରେ ଆସନ୍ତା ୧୦ ତାରିଖ ମଙ୍ଗଳବାରକୁ  ଆର୍‌ଡିସି ସ୍ତରରେ ଆଞ୍ଚଳିକ ଛୁଟି ଘୋଷଣା କରାଯାଇଛି । ପୂର୍ବରୁ ରାଜ୍ୟରେ ନୂଆଖାଇ ପାଇଁ ୯ ତାରିଖକୁ ଛୁଟି ଘୋଷଣା କରାଯାଇଥିଲା । ଫଳରେ ଏହି ଦୁଇଟି ଜିଲ୍ଲାରେ ନୂଆଖାଇ ପାଇଁ ୯ ଓ ୧୦ ତାରିଖକୁ ଛୁଟି ଘୋଷଣା କରାଯାଇଛି ।

## ପାଣିପାଗ

ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆଜିଠାରୁ ରାଜରେ ବର୍ଷାର ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ଥିବାନେଇ ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଏହି ଲଘୁଚାପ ଘନୀଭୂତ ହୋଇ ଆସନ୍ତା ୨ରୁ ୩  ଦିନ ମଧ୍ୟରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଆଜି ୧୦ଟି ଜିଲ୍ଲାରେ  ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ  ସତର୍କ ସୂଚନା ଜାରି କରାଯାଇଛି ।